# ଓଡିଶା ଗେଜେଟ୍ ,

ଅସାଧାରଣ,

ପ୍ରାଧିକାର ବଳରେ ପ୍ରକାଶିତ

ସଂଖ୍ୟା- ୯୯୦, କଟକ, ବୁଧବାର, ଜୁନ୍ ୬, ୨୦୦୭ / ଜୈଷ୍ଠ ୧୬, ୧୯୨୯

## No. No.21392-R.Reh.-149/06-R&DM.

## ଓଡିଶା ସରକାର

## ରାଜସ୍ୱ ଓ ବିପର୍ଯ୍ୟୟ ପ୍ରବନ୍ଧନ ବିଭାଗ

## ପ୍ରସ୍ତାବ

୪ ଜୁନ୍ ୨୦୦୭

ଓଡିଶା ପୁନର୍ବାସ ଓ ପୁନଃସଂସ୍ଥାନ ନୀତି, ୨୦୦୬ ଅଧୀନସ୍ଥ ଅନୁଚ୍ଛେଦ ୨୨(ବି)ର ଅନୁସରଣାର୍ଥେ ରାଜ୍ୟ ସରକାର ଏତଦ୍ୱାରା ଓଡିଶା ପୁନର୍ବାସ ଓ ପୁନଃସଂସ୍ଥାନ ନୀତି, ୨୦୦୬ରେ ନିମ୍ନୋକ୍ତ ସଂଶୋଧନମାନ ଜାରି କରୁଛନ୍ତି, ଯଥା-

### ସଂଶୋଧନସମୂହ

୧. ଓଡିଶା ପୁନର୍ବାସ ଓ ପୁନଃସଂସ୍ଥାନ ନୀତି, ୨୦୦୬ (ଏହାପରେ ଏହା ଉକ୍ତ ନୀତି ରୂପେ ସୂଚୀତ ହେବ)ର ଅନୁଚ୍ଛେଦ-୧ରେ ସ୍ଥାନିତ ହୋଇଥିବା ଶୀର୍ଷକ "ସଂକ୍ଷିପ୍ତ ଶିରୋନାମା, ପ୍ରୟୋଗ ଏବଂ ପ୍ରାରମ୍ଭ" ଅଧୀନରେ, -

(ଏ) ଖଣ୍ଡ (୨)ରେ "ସେହିସବୁ ପ୍ରକଳ୍ପମାନ" ଶବ୍ଦାବଳୀ ପରେ ଏବଂ "ଯେଉଁଗୁଡିକ ପାଇଁ ଘରୋଇ ଜମିର ଅଧିଗ୍ରହଣ" ଶବ୍ଦାବଳୀ ପୂର୍ବରୁ ଏହି ଶବ୍ଦାବଳୀ ଭର୍ତ୍ତି ହେବ, "ବର୍ତ୍ତମାନ ନିର୍ମାଣାଧୀନ ଥିବା ଜଳସେଚନ ପ୍ରକଳ୍ପସମୂହ ସମେତ"।

(ବି) ଖଣ୍ଡ (୨) ପରେ ନିମ୍ନୋକ୍ତ ପରନ୍ତୁକ ଏବଂ ଟିପ୍‌ପଣୀ ଭର୍ତ୍ତି ହେବ, ଯଥା –
"ପରନ୍ତୁ ଯେଉଁସ୍ଥଳେ ଏହି ନୀତିର ପ୍ରାରମ୍ଭର ଅବ୍ୟବହିତ ପୂର୍ବରୁ ଗୋଟିଏ ନିର୍ମାଣାଧୀନ ପ୍ରକଳ୍ପ କ୍ଷେତ୍ରରେ ଗୋଟିଏ ବିସ୍ଥାପିତ ପରିବାର ବା ପ୍ରଭାବିତ ପରିବାରଙ୍କୁ କୌଣସି ପୁନଃସଂସ୍ଥାନ ସହାୟତା ପ୍ରଦାନ କରାଯାଇଥିବ, ସେପରି ସ୍ଥଳେ ଏକ ନିର୍ମାଣାଧୀନ ଜଳସେଚନ ପ୍ରକଳ୍ପ ପାଇଁ ଏହି ନୀତି ଅନୁସାରେ କୌଣସି ସହାୟତା ପ୍ରଦାନ କରାଯିବ ନାହିଁ।"

"ଟିପ୍ପଣୀ- ଏହି ଅନୁଚ୍ଛେଦର ଉଦ୍ଦେଶ୍ୟାର୍ଥେ, "ନିର୍ମାଣାଧୀନ ପ୍ରକଳ୍ପସମୂହ" ଉକ୍ତି ମଧ୍ୟରେ ଅନ୍ତର୍ଭୁକ୍ତ ହେବ ନାହିଁ ସେହିସବୁ ପ୍ରକଳ୍ପ, ଯେଉଁଗୁଡିକ ଏହି ନୀତିର ପ୍ରାରମ୍ଭ ପୂର୍ବରୁ ସମାପ୍ତ ହୋଇସାରିଛି ଏବଂ "ଏହି ନୀତିର ପ୍ରାରମ୍ଭ" କହିଲେ ୧୫ ମେ ୨୦୦୬ କୁ ବୁଝାଏ।"

**୨. ଉକ୍ତ ନୀତିରେ, ଅନୁଚ୍ଛେଦ-୨ରେ ଶୀର୍ଷକ "ସଂଜ୍ଞା" ଅଧୀନରେ, ଖଣ୍ଡ (ଏ) ପରେ ନିମ୍ନୋକ୍ତ ଖଣ୍ଡ ଭର୍ତ୍ତି ହେବ, ଯଥା-**

"(ଏ-୧) 'ପ୍ରଭାବିତ ପରିବାର'ର ଅର୍ଥ ଏକ ପରିବାର, ଯେ କି ବିସ୍ଥାପିତ ହେଉନାହାନ୍ତି କି ବିସ୍ଥାପିତ ହେବାର ଆବଶ୍ୟକ ପଡିବନି, ଅଥଚ ଯାହାଙ୍କର ଜମି ପ୍ରକଳ୍ପ ନିର୍ମାଣ କାରଣରୁ ପ୍ରଭାବିତ ହେଉଛି "

**୩. ଉକ୍ତ ନୀତିରେ, ଅନୁଚ୍ଛେଦ-୮ ଅଧୀନରେ ଥିବା ଉପ-ଅନୁଚ୍ଛେଦ-୩ର ଟାଇପ୍ ସି ମଧ୍ୟରେ,-**

(ଏ) ଶୀର୍ଷକ "ଜଳ ସମ୍ପଦ, ଜାତୀୟ ଉଦ୍ୟାନ ଏବଂ ଅଭୟାରଣ୍ୟ" ପରିବର୍ତ୍ତେ ଶୀର୍ଷକ "ଜଳସେଚନ ପ୍ରକଳ୍ପମାନ, ଜାତୀୟ ଉଦ୍ୟାନ ଏବଂ ଅଭୟାରଣ୍ୟ" ପ୍ରତିସ୍ଥାନିତ ହେବ;

(ବି) ଶବ୍ଦାବଳୀ "ବିସ୍ଥାପିତ ପରିବାର (ଡି.ଏଫ୍.)ଙ୍କ ପାଇଁ ପୁନଃସଂସ୍ଥାନ ପ୍ୟାକେଜ୍" ପରିବର୍ତ୍ତେ "ବିସ୍ଥାପିତ ପରିବାର ଏବଂ ପ୍ରଭାବିତ ପରିବାରଙ୍କ ପାଇଁ ପୁନଃସଂସ୍ଥାନ ପ୍ୟାକେଜ୍" ପ୍ରତିସ୍ଥାନିତ ହେବ;ଏବଂ

(ସି) ଦଫା(ଡି) ପରେ ନିମ୍ନୋକ୍ତ ଦଫାମାନ ଭର୍ତ୍ତି ହେବ, ଯଥା-

"(ଇ) ଆତ୍ମନିଯୁକ୍ତି ପାଇଁ ତାଲିମ୍- ଇଚ୍ଛୁକ ବିସ୍ଥାପିତ ବା ପ୍ରଭାବିତ ପରିବାରମାନଙ୍କ ଭିତରୁ ଯେଉଁମାନେ ଇଚ୍ଛୁକ ହେବେ, ସେମାନଙ୍କୁ ବୈଷୟିକ ତାଲିମ୍ ବା କର୍ମକୁଶଳତାର ଅଭିବୃଦ୍ଧି ପାଇଁ ତାଲିମ୍ ପ୍ରଦାନ କରିବା ସକାଶେ ପ୍ରକଳ୍ପ କର୍ତ୍ତୃପକ୍ଷ ସଂପୃକ୍ତ ଜିଲ୍ଲାପାଳଙ୍କ ଦିଗ୍‌ଦର୍ଶନ ମତେ ପର୍ଯ୍ୟାପ୍ତ ଆୟୋଜନ କରିବେ, ଯାହା ଫଳରେ ନିଜର କ୍ଷୁଦ୍ର ଉଦ୍ୟୋଗମାନ ଚାଲୁ କରିବା ଦିଗରେ ସେମାନଙ୍କର ସାମର୍ଥ୍ୟ ବଢାଇବା ତଥା ନୂତନ ନିଯୁକ୍ତି ସୁଯୋଗଗୁଡିକର ଉପଯୋଗ କରିବା ଦିଗରେ ସେମାନଙ୍କର କର୍ମକୁଶଳତାର ପରିମାର୍ଜନ କରିବା ସମ୍ଭବପର ହୋଇପାରିବ । ପାରମ୍ପରିକ ବୃତ୍ତି, ହସ୍ତଶିଳ୍ପ ବା ହସ୍ତତନ୍ତରେ ଯେଉଁମାନେ ନିଯୁକ୍ତ ଥିବେ, ସେମାନଙ୍କର କର୍ମକୁଶଳତାର ଅଭିବୃଦ୍ଧି ପାଇଁ ପ୍ରକଳ୍ପ କର୍ତ୍ତୃପକ୍ଷ ନିଜ ଖର୍ଚ୍ଚରେ ଉପଯୁକ୍ତ ତାଲିମ୍ କାର୍ଯ୍ୟକ୍ରମ ଆୟୋଜନ କରିବେ ।

(ଏଫ୍) ଯେଉଁସ୍ଥଳେ ଜଳସେଚନ ପ୍ରକଳ୍ପ ଅଞ୍ଚଳରେ ଗୋଟିଏ ପ୍ରଭାବିତ ପରିବାର ତାଙ୍କ ସମୁଦାୟ ଜମିର ଶତକଡା ପଞ୍ଚସ୍ତରୀ ଭାଗ ହରାଉଥିବେ, ସେପରିସ୍ଥଳେ ସେ ଦଫା (ଏ), (ବି), (ସି) ଏବଂ (ଡି)ରେ ସ୍ଥାନିତ ହୋଇଥିବା ସୁବିଧା ପାଇପାରିବେ ।

(ଜି) ଯେଉଁସ୍ଥଳେ କେନାଲକୁ ଛାଡି ଅନ୍ୟ କୌଣସି ଜଳସେଚନ ପ୍ରକଳ୍ପ ଅଞ୍ଚଳରେ ଗୋଟିଏ ପ୍ରଭାବିତ ପରିବାର ତାଙ୍କ ସମୁଦାୟ ଜମିର ଶତକଡା ପଞ୍ଚସ୍ତରୀ ଭାଗରୁ କମ୍ ହରାଉଥିବେ, ସେପରିସ୍ଥଳେ ତାଙ୍କ ଠାରୁ ଅଧିଗୃହୀତ ହୋଇଥିବା ଜମିର ସମପରିମାଣ ଜମି ସେ ପାଇପାରିବେ, କିନ୍ତୁ ତାହା ଯଥାସ୍ଥିତି ଦଫା (ଏ) ବା (ସି)ରେ ସୂଚୀତ ହୋଇଥିବା ସର୍ବୋଚ୍ଚ ସୀମାକୁ ଟପିବ ନାହିଁ , ଏବଂ ତାହା ସହିତ ଦଫା (ଡି)ରେ ସୂଚୀତ ହୋଇଥିବା ପଞ୍ଜିକରଣ ଖର୍ଚ୍ଚର ସୁବିଧା ମଧ୍ୟ ପାଇବେ ।

(ଏଚ୍) ଯେଉଁସ୍ଥଳେ ଗୋଟିଏ ପ୍ରଭାବିତ ପରିବାର ସାଧାରଣତଃ ବସବାସ କରୁଥିବା ଅଞ୍ଚଳରେ କେନାଲ୍ ପାଇଁ ଜମି ଅଧିଗ୍ରହଣ ଯୋଗୁଁ ନିଜର ଘରଡିହ ହରାଉଥିବେ, ସେପରିସ୍ଥଳେ ସେ ଦଫା (ଏ), (ବି) ଏବଂ (ସି)ରେ ସୂଚୀତ ହୋଇଥିବା ସୁବିଧା ପାଇପାରିବେ ।

**୪. ଉକ୍ତ ନୀତି ଅଧୀନସ୍ଥ ଅନୁଚ୍ଛେଦ-୧୧ରେ, ଶବ୍ଦାବଳୀ "ବିସ୍ଥାପନର ପ୍ରକାର" ପରେ ଶବ୍ଦାବଳୀ "ଏବଂ ଜଳସେଚନ ପ୍ରକଳ୍ପ ଅଞ୍ଚଳରେ କ୍ଷୟକ୍ଷତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ପ୍ରଭାବିତ ପରିବାରମାନଙ୍କୁ" ଭର୍ତ୍ତି ହେବ ।**

-----------------------------------------------------

**<u>ଆଦେଶ</u>**

*ଏତଦ୍ୱାରା ଆଦେଶ ଦିଆଯାଉଛି ଯେ, ସର୍ବସାଧାରଣଙ୍କ ସାଧାରଣ ଅବଗତି ନିମନ୍ତେ ଏହି ସ୍ତାବକୁ ଓଡିଶା ଗେଜେଟ୍‌ର ଅସାଧାରଣ ସଂଖ୍ୟାରେ କାଶ କରାଯିବ, ଏବଂ ଏହାର ନକଲ ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ/ ଜନଜାତି ବ୍ୟାପାର ମନ୍ତ୍ରଣାଳୟ/ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ସହିତ ସରକାରଙ୍କ ସମସ୍ତ ବିଭାଗମୁଖ୍ୟ/ସମସ୍ତ ରାଜସ୍ୱ ଅଞ୍ଚଳ କମିଶନର୍/ସମସ୍ତ ଜିଲ୍ଲାପାଳ/ ସଚିବ, ରାଜସ୍ୱ ପରିଷଦ/ସି.ଏମ୍.ଡି. ଇଡ୍‌କୋ, ସି.ଏମ୍.ଡି. ଇପିକଲ୍/ଏ.ଜି. ଓଡିଶା, ଭୁବନେଶ୍ୱର/ ଡି.ଏ.ଜି. (ପୂର୍ତ୍ତ), ଓଡିଶା, ପୁରୀଙ୍କ ଅବଗତି ପାଇଁ ପ୍ରେରଣ କରାଯାଉ ।*

**ରାଜ୍ୟପାଳଙ୍କ ଆଦେଶମତେ**
**ଜି.ଭି.ଭି.ଶର୍ମା**
**ସରକାରଙ୍କ କମିଶନର୍- ସଚିବ**